ହରିଚନ୍ଦନପୁରରେ କୁଡୁମି ସମାବେଶ

କରଞ୍ଜିଆ (ପିପିଏସ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍‌ର ହରିଚନ୍ଦନପୁର ଗ୍ରାମରେ ଡକ୍ଟର ଟି.ଏନ୍. ଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ କୁଡୁମି କଲଚରାଲ ସୋସାଇଟି ଆନୁକୂଲ୍ୟରେ କୁଡୁମି ଜାତିର ମହାନ୍ ବାନ୍ଦନା ପର୍ବର ତୃତୀୟ ଦିବସର 'ବୁଢ଼ୀ ବାନ୍ଦନା' ଦିନ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । କୁଡୁମାଲି ଭାଷା ଓ ସଂସ୍କୃତି ଗବେଷଣା ପରିଷଦର ସମ୍ପାଦକ ଦୀନବନ୍ଧୁ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସୁନ୍ଦରଗଡ଼ ଜିଲ୍ଲାର ନାଗରାପୀଢ଼ କୁଡୁମି ସମାଜର ନିର୍ଦ୍ଦେଶକ ଗଣେଶ୍ୱର ମହାନ୍ତ ମୁଖ୍ୟବକ୍ତା, ବିଶିଷ୍ଟ ଆଇନଜୀବୀ ଜଗମୋହନ ମହାନ୍ତ ମୁଖ୍ୟ ଅତିଥି ଏବଂ ଓଡ଼ିଶା କୁଡୁମି ଆଖଡ଼ାର ସମ୍ପାଦକ ଶଶଧର ମହାନ୍ତ ଓ ସମାଜସେବୀ ନରହରି ମହାନ୍ତ ସମ୍ମାନିତ ବକ୍ତା ରୂପେ ଯୋଗଦାନ କରିଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାର ବିଶିଷ୍ଟ ସମାଜ ସେବିକା ସୁଶ୍ରୀ ନିଶାମଣି ମହାନ୍ତ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ଉକ୍ତ ସଭାରେ ବକ୍ତାମାନେ କହିଥିଲେ ଯେ, ୧୯୩୧ ମସିହା ପର୍ଯ୍ୟନ୍ତ ଆଦିବାସୀ ତାଲିକାରେ ଥିବା କୁଡୁମି ଜାତିର ସ୍ୱତନ୍ତ୍ର ଭାଷା କୁଡୁମାଲି ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । କୁଡୁମି-ସଂସ୍କୃତିର ସ୍ୱାକ୍ଷର ବହନ କରିଥିବା ଝୁମର ନୃତ୍ୟ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଆଦିବାସୀ ପର୍ଯ୍ୟାୟଭୁକ୍ତ ଓ ଓଡ଼ିଶା ସରକାରଙ୍କ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ କୁଡୁମାଲି ଭାଷାକୁ ଆଦିବାସୀ ଭାଷା ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରିଥିବା ସତ୍ତ୍ୱେ ମୁଖ୍ୟତଃ ଏହି ଭାଷାର ସଂରକ୍ଷଣ ଓ ପ୍ରସାର ଦିଗରେ ଆଦୌ ଧ୍ୟାନ ଦେଉ ନଥିବାରୁ ବକ୍ତାମାନେ ତାଙ୍କ ବକ୍ତବ୍ୟରେ କ୍ଷୋଭ ପ୍ରକାଶ କରିଥିଲେ । ସୋସାଇଟି ତରଫରୁ ସୁଶ୍ରୀ ନିଶାମଣି ମହାନ୍ତଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିବା ବେଳେ କୃତି ମାଦଳ ବାଦକ ଓ ସଂସ୍କୃତି ସଂରକ୍ଷକମାନଙ୍କୁ ପୁରସ୍କାର ଓ ଅସହାୟ ଗରିବ ଆଦିବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ପ୍ରତିଷ୍ଠାନର ସ୍ଥାପୟିତା ଓ ନିର୍ଦ୍ଦେଶକ ସୋସାଇଟିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ମୁଖପତ୍ର 'ବାନ୍ଦନା' ପାଇଁ ଲେଖା ପଠାଇବାକୁ ନିବେଦନ କରିଥିଲେ । ଉକ୍ତ ସଭାରେ ବିଶିଷ୍ଟ ସମାଜସେବୀ ଶଙ୍କର୍ଷଣ ମହାନ୍ତ, ଯୋଗେନ୍ଦ୍ର ମହାନ୍ତ, ଝୁମର ସଂଗଠକ ଖଗେଶ୍ୱର ମହାନ୍ତଙ୍କ ସମେତ ଆଖପାଖ ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ଥିଲେ । ସୋସାଇଟିର ସମ୍ପାଦକ କେ.ବି.ଏନ୍. ଶଙ୍କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଶେଷରେ ରାଇରଙ୍ଗପୁରର ଝୁମର ନିର୍ଦ୍ଦେଶକ କିରଣ ମହାନ୍ତଙ୍କ 'ରିଏଲ ଝୁମର ମେଲୋଡ଼ି' ଗ୍ରୁପର ଶିଳ୍ପୀମାନଙ୍କ ଦ୍ୱାରା ଝୁମର ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଗାୟିକା ସୁନିତା ରଣାଙ୍କ ନୃତ୍ୟ ଓ ଗୀତକୁ ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ ।